## ସଂକ୍ଷେପରେ

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବୃଦ୍ଧ ଗିରଫ

**ଗୋପାଳପୁର,୧।୯(ଡି.ଏନ.ଏ.):** ମା'ବାପା ହରାଇଥିବା ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବୁଧବାର ଗୋଳନ୍ଥରା ଥାନା ପୋଲିସ ଅଭିଯୁକ୍ତ ବୃଦ୍ଧଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦ୍ର ବେହେରା (୬୦)। ଏହି ଥାନାଞ୍ଚଳରେ ରହୁଥିବା ଯୁବତୀଙ୍କୁ ଗତ କିଛିଦିନ ତଳେ ଉକ୍ତ ଗ୍ରାମର ଚନ୍ଦ୍ର ରାତିରେ ତାଙ୍କ ଘରେ ପଶି ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ବିଷୟରେ କାହାରିକୁ ନ ଜଣାଇବାକୁ ମଧ ଧମକ ଦେଇଥିଲେ। ଯୁବତୀ ଜଣକ ଅସୁସ୍ଥ ଅନୁଭବ କରିବାରୁ ସେ ଉକ୍ତ ଘଟଣା ସମ୍ପର୍କରେ ପିସିଙ୍କୁ ଜଣାଇଥିଲେ। ପରେ ଉଭୟ ଡାକ୍ତରଙ୍କୁ ଦେଖାଇବାରୁ ଯୁବତୀ ଜଣକ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏ ନେଇ ଯୁବତୀ ମଙ୍ଗଳବାର ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୪୩/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗ୍ରାମରେ ଚନ୍ଦ୍ର ଥିବା ଖବର ପାଇ ମଙ୍ଗଳବାର ମଧରାତିରେ ପୋଲିସ ତାଙ୍କୁ ଗିରଫ କରିଥିଲା। ବୁଧବାର ବ୍ରହ୍ମପୁର ବଡ଼ ମେଡିକାଲରେ ଚନ୍ଦ୍ର ଓ ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଥିଲା।

### ଅପହୃତା ନାବାଳିକା ଉଦ୍ଧାର

**ଗୋପାଳପୁର,୧।୯(ଡି.ଏନ.ଏ.):** ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ଗୋଳନ୍ଥରା ଥାନା ପୋଲିସ ମଙ୍ଗଳବାର ରାତିରେ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ଗୋଳନ୍ଥରା ଥାନା ଅଞ୍ଚଳର ନାବାଳିକାଙ୍କ ଗ୍ରାମକୁ ଗତ ୨୮ରେ କେ.ନୂଆଗାଁ ଥାନା ଅନ୍ତର୍ଗତ ରାଧାମୋହନପୁର ଗ୍ରାମର ଯୁବକ ଏକ ଭୋଜିକୁ ଆସିଥିଲେ। ସେହିଦିନ ରାତ୍ର ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ବାପା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୪୨/୨୧ରେରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ରାତ୍ର କେ.ନୂଆଗାଁ ଥାନା ପାଣ୍ଡିରି ଗ୍ରାମରେ ନାବାଳିକା ଜଣକ ଥିବା ଖବର ପାଇ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କୁ ପଚରାଉଚରା ପରେ ବୁଧବାର ୧୬୪ ଧାରା ଅନୁସାରେ ବିଚାରପତିଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଛି।

### ବିଜେଡିର ସାଙ୍ଗଠନିକ ବୈଠକ

**ପାରଳାଖେମୁଣ୍ଡି,୧।୯(ଡି.ଏନ୍.ଏ.):** ବିଜେଡି ତରଫରୁ ମଙ୍ଗଳବାର ଉପଲଡ଼ା ଗ୍ରାମଠାରେ ଦଳୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ ଦଳୀୟ ସଙ୍ଗଠନ ସୁଦୃଢ ହୋଇ କିପରି ସଫଳ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ମିଶ୍ରଣ ପର୍ବରେ ଗୋଷାଣୀ ବ୍ଲକର ବାଘସଳା ପଞ୍ଚାୟତର, କଣ୍ଟ୍ରାଗଡ଼ ପଞ୍ଚାୟତ, ରାସୁରୁ ଗ୍ରାମ, ଚନ୍ଦନ ଖଳା ଗ୍ରାମ ଓ ପାଟିକୋଟା ଗ୍ରାମର ୨୦୦ରୁ ଅଧିକ ଭାଜପା ଓ କଂଗ୍ରେସ କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଗଜପତି ଜିଲା ବିଜେଡି ତରଫରୁ ଜିଲା ସଭାପତି ପ୍ରଦୀପ କୁମାର ନାୟକ, ଯୁବ ସଭାପତି ଏସ. ଲିଙ୍ଗରାଜ, ଛାତ୍ର ସଭାପତି ବିଶ୍ୱଜିତ ତ୍ରିପାଠୀ ଗୋଷାଣୀ ବ୍ଲକର ବରିଷ୍ଠ ନେତା ବାଲା ଧନୁର୍ଜୟ, ନିର ଭୁୟାଁ, ଅଗରଖଣ୍ଡି ସରପଞ୍ଚ ଶିଶିର ପ୍ରଧାନ ଦଳୀୟ ଉତ୍ତରୀୟ ଦେଇ କର୍ମୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲେ।

### ବାଲିଘାଟ ଲିଜଧାରୀଙ୍କୁ ଧମକ ଅଭିଯୋଗ , ୨ ଗିରଫ

**ବୁଗୁଡ଼ା,୧।୯( ଡି.ଏନ.ଏ ):** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ବିଷ୍ଣୁଚକ୍ର ନିକଟ ବଡନଦୀ ବାଲିଘାଟ ଲିଜଧାରୀଙ୍କୁ ଫୋନରେ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ବୁଧବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ମାନସ ରଞ୍ଜନ ପ୍ରଧାନ ଓ ବାଲିପଦର ଗ୍ରାମର ଟିକିନା ଗୁରୁ। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଏ ନେଇ ଥାନାରେ ନଂ. ୪୩୯/୨୧ରେ ଏକ ମାମଲା ରୁଜୁ ହୋଇଛି । ଘଟଣାରୁ ପ୍ରକାଶ , ଗତ ୨୯ ତାରିଖ ଅପରାହ୍ନରେ ବଡନଦୀ ବାଲିଘାଟର ଲିଜଧାରୀ ଗାଙ୍ଗପୁର ଗ୍ରାମର ମଦନ ମୋହନ ସ୍ୱାଇଁଙ୍କୁ ଅଭିଯୁକ୍ତଦ୍ୱୟ ଫୋନରେ ବଟି ମାଗିବା ସହ ମାରି ଦେବାକୁ ଧମକ ମଧ ଦେଇଥିଲେ । ଏଥିରେ ସେ ମାନସିକ ଅସୁସ୍ଥତା ଅନୁଭବ କରି ନିଜର ଜୀବନ ସୁରକ୍ଷା ସହ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ବାଲିପଦର ଫାଣ୍ଡିରେ ଅଭିଯୋଗ କରିଥିଲେ ।

# ତୃତୀୟ ଲହର ଲାଗି ସତର୍କତା ଜରୁରୀ

**ଛତ୍ରପୁର,୧।୯(ଡି.ଏନ୍.ଏ.)**



ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

■କୋଭିଡ୍ ନିୟମ ନ ମାନିଲେ ମନ୍ଦିର ୭ ଦିନ ବନ୍ଦ
■ଏନ୍‌ଫୋର୍ସମେଣ୍ଟ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ

କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ଏଡ଼ାଇବା ସକାଶେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସଂକ୍ରମଣରୁ ନିଜକୁ ସୁରକ୍ଷିତ ରଖିବା ନେଇ ପୂର୍ବରୁ କରାଯାଇଥିବା ସମସ୍ତ ସରକାରୀ ନିୟମ ପାଳନ ହେଉ ନ ଥିବା ପରିଲକ୍ଷିତ ହେଉଛି । ତେଣୁ ଯଦି କେହି ସରକାରୀ କର୍ମଚାରୀ କୋଭିଡ୍‌ରେ ଆକ୍ରାନ୍ତ ହୁଅନ୍ତି ତେବେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବ ବୋଲି ଜିଲାପାଳ କହିଛନ୍ତି।

ପୂର୍ବଭଳି ବଜାରଗୁଡିକରେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ଠିକ ବ୍ୟବହାର, ହାତ ଧୋଇବା ଆଦିକୁ କଡାକଡି ପାଳନ କରାଯିବ । ଏଥିପାଇଁ ଜନ ସଚେତନତା ସହିତ ଚଢ଼ାଉ କରିବାକୁ କୁହାଯାଇଛି । ଖିଲାପକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତୃତୀୟ ଲହରରେ ସଂକ୍ରମିତ ହେଲେ ଜନଜୀବନ ସହ ଜିଲାରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବ । ଏହାକୁ ପ୍ରତିହତ କରିବା ପାଇଁ ସାମୁହିକ ପ୍ରୟାସ ଜରୁରୀ ହୋଇପଡିଛି। ପୂର୍ବପରି ସମସ୍ତ ଲୋକ ପ୍ରତିନିଧି କୋଭିଡ ମନିଟର୍ ତଥା ସଂପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ବୈଠକ କରିବାକୁ ବିଡିଓଙ୍କୁ କୁହାଯାଇଛି। ଯେଉଁ ସ୍ଥାନରେ ସଂକ୍ରମିତ ହେଉଛନ୍ତି ତାହାର ତଥ୍ୟ ଆଧାର କରି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମା' ତାରାତାରିଣୀଙ୍କ ପୀଠରେ ଉନ୍ନୟନ କାର୍ଯ୍ୟ ଚାଲିଛି। କାର୍ଯ୍ୟ ବାଧାପ୍ରାପ୍ତ ନ ହେବା ପାଇଁ ମା'ଙ୍କ ଦର୍ଶନ ବାରଣ ରହିଛି। ଏଥିପାଇଁ ସାଧାରଣଙ୍କ ସହଯୋଗ କାମନା କରାଯାଇଛି । ଜିଲାର ଅନ୍ୟ ମନ୍ଦିରଗୁଡିକ ଖୋଲା ଯାଇଛି। କୌଣସି ମନ୍ଦିରରେ କୋଭିଡ ନିୟମ ଅନୁପାଳନ ହେଉ ନ ଥିବା ପରିଲକ୍ଷିତ ହେଲେ ୭ ଦିନ ପାଇଁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଦୋକାନୀମାନେ ମାସ୍କ ପରିଧାନ, ସାନିଟାଇଜର ବ୍ୟବହାର, ଅକ୍ସିମିଟର ରଖି ଖାଉଟି ମାନଙ୍କର ଅକ୍ସିଜେନସ୍ତର ଯାଞ୍ଚ ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି । ନଚେତ ଦୋକାନ ଗୁଡିକୁ ମଧ ୫ ଦିନ ସକାଶେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତାଙ୍କସ୍ତରର ବୈଠକ କରି ୫ଟି ନିୟମ ଟେଷ୍ଟିଂ, ଯାଞ୍ଚ କାର୍ଯ୍ୟ, ଚିକିତ୍ସା, ଟିକାକରଣ ଏବଂ ଉପଯୁକ୍ତ କୋଭିଡ ନିୟମ ଆଚରଣ ଅନୁକରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି।

# ଜାଇକା ପ୍ରକଳ୍ପର ସମୀକ୍ଷା


ରେଞ୍ଜର ଆଶାଲତା ଦିଗାଲ ଉଦ୍‌ବୋଧନ ଦେଉଛନ୍ତି ।

**ଭଞ୍ଜନଗର,୧।୯(ଡି.ଏନ୍.ଏ.)**

ଭଞ୍ଜନଗର ଉତର ଘୁମୁସର ବନଖଣ୍ଡରେ ଚାଲିଥିବା ଜାଇକା ପ୍ରକଳ୍ପର ମାସିକ ସମୀକ୍ଷା ମଙ୍ଗଳବାର ଲାଲସିଂ ନର୍ସରୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡିଏଫଓ ଅଭୟ କୁମାର ଦଳେଇ ଅଧ୍ୟକ୍ଷତା କରି ଜାଇକା କାର୍ଯ୍ୟର ସମୀକ୍ଷା କରିବା ସହ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସିଏଫ୍ ସୁଦର୍ଶନ ବାଦୀ ଆଲୋଚନାରେ ଭାଗ ନେଇ ଲୋକଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମଗୁଡ଼ିକ କରିବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଚାରାରୋପଣ କାର୍ଯ୍ୟ, ବିନିଯୋଗ ପ୍ରମାଣପତ୍ର ଆଦି ବିଷୟରେ ଆଲୋଚନା ହୋଇଥିଲା। ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ତାରସିଂ ରେଞ୍ଜର ଆଶାଲତା ଦିଗାଲ ଓ ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ ସେମାନଙ୍କ ରେଞ୍ଜରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସମ୍ପର୍କରେ କହିଥିଲେ ।

# ୭ ବର୍ଷ ହେଲା ନିଖୋଜ ଜିଆରଏସ୍‌ଙ୍କ ପତ୍ତା ମିଳୁନି

**ଫୁଲବାଣୀ ଅଫିସ, ୧।୯**– ୨୦୧୪ ସାଧାରଣ ନିର୍ବାଚନରେ ସରକାରୀ କାର୍ଯ୍ୟରେ ଯୋଗଦେବା ପରଠୁ କୁସୁମେଣ୍ଡି ପଞ୍ଚାୟତର ଗ୍ରାମ ରୋଜଗାର ସେବିକା (ଜିଆରଏସ୍) ମମତା ନାୟକ ନିଖୋଜ ଅଛନ୍ତି। ୭ ବର୍ଷ ପରେ ବି ତାଙ୍କ ପତ୍ତା ମିଳୁନାହିଁ। ମମତାଙ୍କୁ ଅପହରଣ ନା ହତ୍ୟା କରାଯାଇଛି, ସେ ସମ୍ପର୍କରେ ପ୍ରଶାସନ ପାଖରେ ଖବର ନାହିଁ। ଅନ୍ୟପଟେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି । ଘଟଣାକୁ ୭ ବର୍ଷ ପୁରିଥିଲେ ମଧ ତଦନ୍ତ ଆଗେଇ ପାରିନାହିଁ। ତୁରନ୍ତ ମମତାଙ୍କୁ ଖୋଜି ବାହାର କରିବା ପାଇଁ ପାଣ ସମାଜ କଲ୍ୟାଣ କମିଟି ଦାବି କରିଛି। ଏ ନେଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ୭ ଦିନ ମଧ୍ୟରେ ମମତାଙ୍କ କୌଣସି ସନ୍ଧାନ ନ ମିଳିଲେ ଜିଲାପାଳ, ଏସ୍‌ପିଙ୍କ କାର୍ଯ୍ୟାଳୟ ଓ ଟାଉନ ଥାନା ଘେରାଉ କରାଯିବ ବୋଲି ପାଣ ସମାଜ ଚେତାବନୀ ଦେଇଛି। ଚକାପାଦ ବ୍ଲକ ସୁବଳିଆ ସ୍କୁଲରେ ଜିଆର୍‌ଏସ୍ ମମତାଙ୍କର ନିର୍ବାଚନ ଡ୍ୟୁଟି ପଡିଥିଲା । ନିର୍ବାଚନ ପୂର୍ବଦିନ ସେ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରୁ ସେ କୁଆଡେ ଗଲେ ଆଉ ପତ୍ତା ମିଳୁନାହିଁ । ପରିବାର ଲୋକେ ଏ ନେଇ ଥାନାରେ ଏତଲା ଦେଇଥିଲେ। ପରେ ମମତାଙ୍କ ମା' ଜିଲା ପ୍ରଶାସନଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ ଦାଖଲ କରିଥିଲେ। ହେଲେ ନ୍ୟାୟ ମିଳିନାହିଁ। ତତ୍କାଳୀନ ବିଡିଓ, ସୁବଳିଆ ବୁଥ୍‌ରେ ଯୋଗ ଦେଇଥିବା ସମସ୍ତ ନିର୍ବାଚନ କର୍ମଚାରୀ ଏବଂ ଟାଉନ ଥାନାଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ପାଣ ସମାଜ ଦାବି କରିଛି। ୨୦୧୪ ମେ ୮ରେ ମମତାଙ୍କ ଘରକୁ ଏକ ଫୋନ କଲ ଆସିଥିଲା । ଝିଅ ଆମ ପାଖରେ ଅଛି ବୋଲି ଜଣେ ଯୁବତୀ କହିବା ସହ ଫୋନ କାଟି ଦେଇଥିଲେ । ଏହି ଘଟଣାରେ ସେହି ଫୋନକୁ ତତ୍କାଳୀନ ଥାନାଧିକାରୀ ଜବତ କରିଥିଲେ । ତଥାପି କିଛି ଖୋଜ ମିଳିଲା ନାହିଁ କି ପୋଲିସ ତଦନ୍ତ ଆଗକୁ ନେଲା ନାହିଁ। ତେଣୁ ଆମକୁ ନ୍ୟାୟ ଦରକାର । ଏହା ନ ହେଲେ ଆମେ ସମ୍ପୂର୍ଣ୍ଣ ଜିଲା ବନ୍ଦ କରିବାକୁ ବାଧ ହେବୁ ବୋଲି ଫୁଲବାଣୀ ପୌର ପରିଷଦ ପାଣ ସମାଜ କଲ୍ୟାଣ କମିଟି ସଭାପତି ପଙ୍କଜ ବେହେରା, କାର୍ଯ୍ୟକାରୀ ସଭାପତି ତ୍ରିନାଥ ମାଝିଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି।

**ତଦନ୍ତ ଦାବି କଲା ପାଣ ସମାଜ କଲ୍ୟାଣ କମିଟି**



ପାଣ ସମାଜ କଲ୍ୟାଣ କମିଟି କର୍ମକର୍ତ୍ତା ।

## କରୋନା ପୁଣି ଫେରୁଛି ଲୋକାର୍ପିତ

**ବୁଗୁଡ଼ା, ୧।୯(ଡି.ଏନ.ଏ.)**

କରୋନା ସଚେତନତା ଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର କରୋନା ପୁଣି ଫେରୁଛିର ଲୋକାର୍ପଣ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ଷୁଦ୍ର ଚଳଚ୍ଚିତ୍ରଟିକୁ ଲୋକାର୍ପଣ କରିଥିଲେ। ଅତିଥି ଭାବେ ଗବେଷକ ଡ. ବ୍ରଜ କିଶୋର ପାଢ଼ୀ, ସାହିତ୍ୟିକ ଅନନ୍ତ କର, ଅରୋଇନ ସଂସ୍ଥାର ଚେୟାରମ୍ୟାନ ଅନ୍ନଦା ପ୍ରସାଦ ପାଢ଼ୀ, ଅରୋଇନଫୋ ସଂସ୍ଥାର ସିଇଓ ଦ୍ୱାରିକା ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏସ.ପି. କ୍ରିଏସନ୍ ନିବେଦିତଙ୍କ ଦ୍ୱାରା ପ୍ରଯୋଜିତ ଉକ୍ତ ଚଳଚ୍ଚିତ୍ରର କାହାଣୀ କୁକୁଡାଖଣ୍ଡି ବିଡିଓ ଗଦାଧର ପାତ୍ରଙ୍କ ଦ୍ୱାରା ଲେଖା ଯାଇଥିବା ବେଳେ ବସନ୍ତ ମହାରଣା ଚିତ୍ର ଗ୍ରହଣ ଏବଂ ବାପି ମହାରଣା ସମ୍ପାଦନ କରିଛନ୍ତି। ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସ୍ଥିତଧୀ ରଥଙ୍କ ନିର୍ଦ୍ଦେଶନାରେ ଏହି ଚଳଚ୍ଚିତ୍ରର ପ୍ରମୁଖ ଭୂମିକାରେ ଗଦାଧର ପାତ୍ର, ମଧୁସୂଦନ ମିଶ୍ର, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସୁରେନ୍ଦ୍ର ପ୍ରଧାନ ଓ ବୁଗୁଡା ତହସିଲଦାର ସଂଗ୍ରାମ କେଶରୀ ଜେନା ପ୍ରମୁଖ ରହିଛନ୍ତି। ଚଳଚ୍ଚିତ୍ରଟି ଅମାନିଆଙ୍କୁ ସଚେତନ କରିବ ବୋଲି ଉପଦେଷ୍ଟା ସୁସ୍ମିତା ପାତ୍ର କହିଛନ୍ତି।

# ଡାଲା ଅଟୋ ଓଲଟି ୧୪ ମହିଳା ଆହତ

**ଦିଗପହଣ୍ଡି,୧।୯(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭୀଷ୍ମଗିରି ଗ୍ରାମ ମୁଖ୍ୟ ରାସ୍ତାର ଶଶ୍ମାନ ନିକଟରେ ବୁଧବାର ଏକ ଡାଲା ଅଟୋ ଓଲଟି ପଡିବାରୁ ଫାସିଗୁଡ଼ା ଗ୍ରାମ ବଡ଼ସାହିର ୧୪ ମହିଳା ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କୁ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ଫୁଲ ଦାସ, ଆରତୀ ଦାସ, ବଙ୍ଗାଳି ଦାସଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଫାସିଗୁଡା ଗ୍ରାମ ବଡ଼ସାହିର ୧୪ ମହିଳା କୃଷି ଶ୍ରମିକ ଭୀଷ୍ମଗିରି ଗ୍ରାମ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଚାଷଜମିରେ ଧାନ ତଳି ରୁଆ କାର୍ଯ୍ୟ ପାଇଁ ଡାଲା ଅଟୋ ଯୋଗେ ଯାଉଥିଲେ। ଚାଳକଙ୍କ ଅସାବଧାନତା କାରଣରୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତାକଡର ଏକ ଚାଷ ଜମିରେ ଓଲଟି ପଡିଥିଲା। ଫାସିଗୁଡା ସରପଞ୍ଚ ଦିଲୀପ କୁମାର ସେଠୀ ଓ ସମିତି ସଭ୍ୟ ଶିବରାମ ପ୍ରଧାନଙ୍କ ସମେତ ଆହତ ମହିଳାମାନଙ୍କ ସମ୍ପର୍କୀୟମାନେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ।


ଦୁର୍ଘଟଣାଗ୍ରସ୍ତ ଡାଲା ଅଟୋ।

# ଏଆଇକେଏସ୍‌ର ସ୍ମାରକପତ୍ର ପ୍ରଦାନ

**ଛତ୍ରପୁର,୧।୯(ଡି.ଏନ୍.ଏ.)**

**ଆସନ୍ନ ମରୁଡି ପରିସ୍ଥିତି**

କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ ବିରୋଧୀ ୩ ଆଇନକୁ ନେଇ ଦେଶରେ କୃଷକ ଆନ୍ଦୋଳନ ଚାଲୁରହିଛି । ଜିଲା ତଥା ରାଜ୍ୟ କୃଷକ ସମାଜର କଲ୍ୟାଣ ନିମନ୍ତେ ଏହି ୩ ଆଇନ କାର୍ଯ୍ୟକାରୀ ନ କରିବା ଏବଂ ସ୍ୱାମୀନାଥନ କମିଶନରଙ୍କ ସୁପାରିସ ଅନୁସାରେ ଫସଲ ସହାୟକ ମୂଲ୍ୟ (ସି–୨+୫୦%) ଆଇନଗତ ଅଧିକାର ନିମନ୍ତେ ଏକ ସଂକଳ୍ପ ଆଗାମୀ ବିଧାନସଭାରେ ପାରିତ କରିବା ଦାବି ସହ ଜିଲାର ଚାଷୀ ସମାଜ ସମ୍ମୁଖିନ ହେଉଥିବା ସମସ୍ୟା ସମାଧାନ କରିବାକୁ ଅଖିଳ ଭାରତ କୃଷକ ସଭା ପ୍ରତିଷ୍ଠା ଦିବସରେ ଦାବି କରାଯାଇଛି। ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଅନୁଷ୍ଠିତ ସଭାରେ ଅଖିଳ ଭାରତ କୃଷକ ସଭାର ଜିଲା ସଭାପତି ଶ୍ରୀହର୍ଷ ରଥ ଅଧ୍ୟକ୍ଷତା କରିଥିଲେ। ବହୁ ଚାଷୀ ଲକ୍ଷ୍ମଣ ଭବନଠାରୁ ଶୋଭାଯାତ୍ରାରେ ଛତ୍ରପୁର ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । କୃଷି–କୃଷକ ବିରୋଧୀ କଳା ଆଇନ ତୁରନ୍ତ ରଦ୍ଦ କରିବା ସହ ୧୩ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅମୀୟ କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସନ୍ନ ମରୁଡିର ସ୍ଥାୟୀ ପ୍ରତିକାର ସରକାର ତୁରନ୍ତ କରନ୍ତୁ, ଉଠା ଜଳସେଚନ ପଏଣ୍ଟ ଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରି ଜଳସେଚନର ବ୍ୟବସ୍ଥା କରାଯାଉ, ବିକଳ୍ପ ଚାଷ ନିମନ୍ତେ ବିହନ, ସାର ଓ ଔଷଧ ଚାଷୀଙ୍କୁ ଯୋଗାଇ ଦେବା, ସମସ୍ତ ଉତ୍ପାଦିତ ଫସଲ ଗୁଡିକୁ ମଣ୍ଡିରେ ନେବା ପାଇଁ ଗ୍ୟାରେଣ୍ଟି କରିବା, ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୦ ଦିନ କାମ, ଚାଷୀଙ୍କ ଜମି ପଟ୍ଟା ତୁରନ୍ତ ସଂଶୋଧନ କରାଯିବା ଭଳି ଦାବି ଉକ୍ତ ସ୍ମାରକପତ୍ରରେ ଦାବି କରାଯାଇଛି । ଆନ୍ଦୋଳନରେ ଅଖିଳ ଭାରତ କୃଷକ ସଭା ଗଞ୍ଜାମ ଜିଲା କମିଟି ସମ୍ପାଦକ ରାଜୀବ ଲୋଚନ ପଣ୍ଡା, ଉପସଭାପତି ରଙ୍ଗନାଥ ସ୍ୱାଇଁ ଓ ସୁଦର୍ଶନ ସ୍ୱାଇଁ, ଅନନ୍ତ ମହାକୁଡ, ଶରତ ଚନ୍ଦ୍ର ପଟ୍ଟନାୟକ, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, ପଞ୍ଚାନନ ସ୍ୱାଇଁଙ୍କ ସମେତ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର, ସହ ସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନ ସମ୍ପାଦକ ଏସ କ୍ରିଷ୍ଣା ରେଡ୍ଡି, ଚମାଖଣ୍ଡି ଜୋନାଲ ସମ୍ପାଦକ ସି. ଏଚ ଜନାର୍ଦ୍ଦନ ରେଡ୍ଡି , ଗଞ୍ଜାମ ଜୋନାଲ ସହ–ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ରଥ, ବିଦେଶୀ ନାହାକ, ଗୋପାଳ ଭୂୟାଁ, ଆଇନଜୀବୀ ଡି.ଆଦି ନାରାୟଣ ରେଡ୍ଡି ଓ ସତ୍ୟବାଦୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ମକା ଫସଲରେ ପୋକ, ଚିନ୍ତାରେ ଚାଷୀ

**ପାରଳାଖେମୁଣ୍ଡି,୧।୯(ଡି.ଏନ୍.ଏ.)**


ପୋକ ଲାଗି ନଷ୍ଟ ହୋଇଥିବା ମକା ଫସଲ।

ଗଜପତି ଜିଲାରେ ମକା ଫସଲରେ ବିଭିନ୍ନ ପୋକଙ୍କ ପ୍ରାଦୁର୍ଭାବ ଯୋଗୁ ଫସଲ ସମ୍ପୂର୍ଣ୍ଣ ଭାବେ ଉଜୁଡିବାରେ ଲାଗିଛି । ଏ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାରେ ମୋହନା ଓ ଆର୍.ଉଦୟଗିରି ବ୍ଲକରେ ଉନ୍ନତମାନର ମକା ଚାଷ ହୋଇଆସୁଛି। ଏହି ଅଞ୍ଚଳର ମକାର ଦକ୍ଷିଣ ଓଡିଶା ଓ ଆନ୍ଧ୍ରରେ ବିଶେଷ ଚାହିଦା ରହିଛି। ଅଞ୍ଚଳର ଜଳବାୟୁ ଓ ପାହାଡିଆ ଜମିରେ ମକା ଚାଷ ବେଶ ଭଲ ହେଉଥିବାରୁ ସଂଖ୍ୟାଧିକ ଲୋକେ ମକା ଚାଷକୁ ଆଦରି ନେଇଛନ୍ତି। ହେଲେ ଚଳିତ ବର୍ଷ ମକା ଫସଲରେ ପୋକ ଦେଖାଦେବାରୁ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଧାର କରଜ କରି ଚାଷ କରିଥିବା ଚାଷୀ ଏ ନେଇ ଚିନ୍ତାରେ ପଡ଼ିଛନ୍ତି। ଜିଲା କୃଷି ବିଭାଗର ଉଦାସୀନତା ଯୋଗୁ ଚାଷୀମାନେ ଆବଶ୍ୟକ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ମକା ଚାଷ ହେଉଥିବା ମୋହନା ଓ ଆର୍.ଉଦୟଗିରି ବ୍ଲକର ଅନେକ ଦୁର୍ଗମ ଅଞ୍ଚଳରେ ପହଞ୍ଚି ପାରୁନି କୃଷି ବିଭାଗ । ସଚେତନତାର ଅଭାବ ଓ କୃଷି ବିଭାଗର ନିଷ୍କ୍ରିୟତା ଯୋଗୁ ଅମଳ ହେବା ପୂର୍ବରୁ ଫସଲ ନଷ୍ଟ ହେବାରେ ଲାଗିଛି। ମୋହନା ବ୍ଲକର ଅଡବା, ଅନ୍ତରବା, ବାଡେଇପୁର, ଗୁଣ୍ଠୁରିଗୁଡା, ପାଣିଗଣ୍ଡା, ଖଣିଗ୍ରାମ ଏବଂ ଆର୍.ଉଦୟଗିରି ବ୍ଲକର ଛେଳିଗଡ, ମହେନ୍ଦ୍ରଗଡ, ରାମଗିରି, ମକାପଦା ଆଦି ଅନେକ ଗ୍ରାମରେ ମକା ଫସଲ ନଷ୍ଟ ହେବାରେ ଲାଗିଛି। ଗତ ବୁଧବାର ପାରଳାଖେମୁଣ୍ଡିଠାରେ ଜିଲା ପରିଷଦ ବୈଠକରେ ଅଡବା ଜୋନ ଜିଲା ପରିଷଦ ସଭ୍ୟ ବାଳକୃଷ୍ଣ ମଳିକ କୃଷି ସମ୍ବନ୍ଧୀୟ ଏକ ପ୍ରସ୍ତାବରେ ଜିଲାପାଳଙ୍କୁ ଅବଗତ କରିଥିଲେ। ଅଡ଼ବା ଅଞ୍ଚଳରେ ଚାଷୀ ସରକାରଙ୍କ କୌଣସି ପ୍ରକାର ସୁବିଧା ପାଉନଥିବା ଅଭିଯୋଗ କରିଥିଲେ। ତେବେ ଚାଷୀଙ୍କୁ ସରକାରୀ ସୁବିଧା ନ ମିଳିଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ସେ କହିଛନ୍ତି।

# ପଟ୍ଟା ନ ପାଇ ୭ ପରିବାର ହଟହଟା

**ଗୋପାଳପୁର,୧।୯(ଡି.ଏନ.ଏ.)**

**ବସୁନ୍ଧରା ଯୋଜନା ଦିଗହରା**

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକରେ ବସୁନ୍ଧରା ଯୋଜନା ଦିଗହରା ହୋଇଛି। ବ୍ଲକ ଅନ୍ତର୍ଗତ କେଲୁଆପଲ୍ଲୀ ପଞ୍ଚାୟତର ୭ ପରିବାର ନିଜସ୍ୱ ବାସଗୃହ ନ ଥିବାରୁ ୨୦୧୭ରେ ବସୁନ୍ଧରା ଯୋଜନାରେ ଘର ଖଣ୍ଡିଏ ପାଇଁ କନିଷ୍ଠ ତହସିଲକୁ ଆବେଦନ କରିଥିଲେ। ହେଲେ ଉକ୍ତ ବର୍ଷ ପ୍ରତ୍ୟେକ ପରିବାରକୁ ଦୁମୁଦୁମି ଓଡ଼ିଆରପି କଲୋନୀଠାରେ ୧୦ ଡେସିମିଲ ଲେଖାଏ ଜାଗା ମିଳିବା ସହ ୨୦୧୭–୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ସେମାନେ ଘର ନିର୍ମାଣ କରିବା ପରେ ମଧ ଉକ୍ତ ଜାଗାର ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବାରମ୍ବାର କନିଷ୍ଠ ତହସିଲ କାର୍ଯ୍ୟାଳୟ ଓ ଦୁମୁଦୁମି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ ସେମାନଙ୍କୁ ପଟ୍ଟା ପ୍ରଦାନରେ ଅବହେଳା କରାଯାଉଛି। ଅନେକ ସମୟରେ ଉକ୍ତ କାର୍ଯ୍ୟାଳୟର ଅଧିକାରୀମାନେ ପୁଣି ଆବେଦନ କରିବାକୁ କହି କହୁଛନ୍ତି। ପୁଣିଥରେ ଆବେଦନ କରାଯାଇଥିଲେ ମଧ ଉକ୍ତ ପରିବାରକୁ ପଟ୍ଟା ମିଳିପାରିନାହିଁ। ଫଳରେ ଉକ୍ତ ପରିବାରର ପିଲାମାନେ ଉଚ୍ଚଶିକ୍ଷା, ଆୟ ପ୍ରମାଣପତ୍ର ଓ ବାସଗୃହ ପ୍ରମାଣପତ୍ରରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୧୫ ଦିନ ତଳେ ପଟ୍ଟା ପାଇଁ ପୁଣି ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ ସେମାନଙ୍କୁ ପଟ୍ଟା ପ୍ରଦାନରେ ପାତର ଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ କନିଷ୍ଠ ତହସିଲଦାର ତାପସ ରାଉତଙ୍କୁ ପଚାରିବାରୁ ଏ ନେଇ କୌଣସି ଆବେଦନ କିମ୍ବା ଅଭିଯୋଗ ଉକ୍ତ ପରିବାର କରିନାହାନ୍ତି ବୋଲି ସେ କରିଥିଲେ। ଦୁମୁଦୁମି ରାଜସ୍ୱ ନିରୀକ୍ଷକ ବିନୋଦ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଅଫିସ ଆସିଲେ ଏ ସମ୍ପର୍କରେ କୁହାଯିବ ବୋଲି କହି ଫୋନ୍ କାଟି ଦେଇଥିଲେ।

# ଗାଁସାଥୀଙ୍କ ପ୍ରତି ଅବିଚାର ପ୍ରତିବାଦରେ ବିକ୍ଷୋଭ

**ପାରଳାଖେମୁଣ୍ଡି/ଛତ୍ରପୁର, ୧।୯(ଡି.ଏନ୍.ଏ.)**



ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନ୍‌ଆରଇଜିଏସ୍)ରେ କାର୍ଯ୍ୟରତ ଓଡିଶା ପ୍ରଦେଶ ଗାଁସାଥୀ (ମେଟ) ସଂଘ ଆହ୍ୱାନକ୍ରମେ ବୁଧବାର ଗଜପତି ଜିଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗାଁସାଥିମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ପ୍ରତିବାଦରେ ଗଜପତି ଶାଖା ସଭାପତି ପଞ୍ଚୁ ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଏଥିସହିତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଧାନସଭାର ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳର ନେତା, ପଞ୍ଚାୟତିରାଜ ମନ୍ତ୍ରୀ, ପ୍ରମୁଖଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗାଁ ସାଥୀଙ୍କୁ ନିୟମିତ ଉଚିତ ପ୍ରାପ୍ୟ, ସର୍ବନିମ୍ନ ୧୦ଦିନର କାର୍ଯ୍ୟ, ସମସ୍ତ ଗାଁସାଥୀଙ୍କୁ ୨୦ ହଜାର ଲେଖାଏ କୋଭିଡ ସହାୟତା,ସମସ୍ତ ଜବକାର୍ଡଧାରୀଙ୍କ ପରିବାରକୁ ୧୦୦ ଦିନ ପରିବର୍ତ୍ତେ ୨୦୦ ଦିନର ପ୍ରାପ୍ୟ ସହିତ କାର୍ଯ୍ୟ ଯୋଗାଣ ତଥା ଦୈନିକ ମଜୁରୀ ୨୧୫ ଟଙ୍କାରୁ ବୃଦ୍ଧି କରି ୩୦୦ରୁ ଊର୍ଦ୍ଧ୍ୱ ଟଙ୍କା ଆଦି ପ୍ରସଙ୍ଗରେ ଲିଖିତ ଦାବିପତ୍ରକୁ ଜିଲାପାଳଙ୍କ ଜରିଆରେ ବିଭିନ୍ନ ପଦାଧିକାରୀଙ୍କୁ ଦିଆଯାଇଛି। ୨୦୧୯ ସାଧାରଣ ନିର୍ବାଚନ ପରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଗାଁସାଥୀମାନଙ୍କ କାର୍ଯ୍ୟକୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ହାତକୁ ଟେକି ଦେବାଲାଗି ବାରମ୍ବାର ଚିଠି ମାଧ୍ୟମରେ ଚେଷ୍ଟା କରୁଥିବାରୁ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସମସ୍ୟାଗୁଡିକର ସମାଧାନ ପାଇଁ ସଂଘର ସଦସ୍ୟମାନେ ଜିଲା ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଗାଁସାଥି ସଂଘ ଗଜପତି ଶାଖାର ସଭାପତି ନାୟକ ଆସନ୍ତା ୭ ତାରିଖରେ ବିଧାନସଭା ଆଗରେ ହେବାକୁ ଥିବା ଆନ୍ଦୋଳନରେ ଯୋଗ ଦେବାପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଗାଁସାଥୀ ସଂଘ ମିଳିତ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଗାଁସାଥୀ ମିଳିତ କ୍ରିୟାନୁଷ୍ଠାନ କମିଟି ଗଞ୍ଜାମ ଜିଲା ସଭାପତି ରବୀନ୍ଦ୍ରନାଥ ଗୌଡଙ୍କ ନେତୃତ୍ୱରେ ଶତାଧିକ ଗାଁସାଥୀ ଶୋଭାଯାତ୍ରାରେ ଛତ୍ରପୁର ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭରେ ଜିଲା ସଭାପତି ଗୌଡଙ୍କ ସମେତ ସମ୍ପାଦକ ସୁଧାଂଶୁ ଶେଖର ଶତପଥୀ, କୋଷାଧ୍ୟକ୍ଷ ଅଶୋକ କୁମାର ପଲେଇ, ଚରଣ ନାୟକ, ଦାମ ପ୍ରଧାନ, ବସନ୍ତ ଚାନ୍ଦ, ବିଦ୍ୟାଧର ପ୍ରଧାନ, ପୂର୍ବତନ ଜିଲା ସଭାପତି ହେମନ୍ତ ନାହାକ ପ୍ରମୁଖ କର୍ମକର୍ତ୍ତା ଓ ଶତଧୀକ ଗାଁସାଥୀ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ଦେଶୀ ମଦ ଜବତ, ଯୁବକ ଗିରଫ

ବୁଗୁଡ଼ା,୧।୯(ଡି.ଏନ.ଏ.): ବୁଗୁଡ଼ା ଅବକାରୀ ଥାନାଧିକାରୀ ବ୍ରହ୍ମାନନ୍ଦ ଭୋଇଙ୍କ ନେତୃତ୍ୱରେ ବିଭାଗୀୟ ପୋଲିସ ବୁଧବାର ଚଢ଼ାଉ କରି କରସିଙ୍ଗି ନିକଟରେ ଏକ ସାଇକେଲ ଜବତ କରିବା ସହ ୧୦ ଲିଟର ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଜଗନ୍ନାଥପ୍ରସାଦ ଥାନା ପଞ୍ଚୁଭୁତି ଗ୍ରାମର ପ୍ରକାଶ ଚନ୍ଦ୍ର ନାୟକଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ସ୍ଥାନୀୟ ଅବକାରୀ ଥାନାରେ ନଂ. ୨୪/୨୧-୨୨ରେ ଏକ ମାମଲା ରୁଜୁ ହୋଇଛି। ସକାଳେ ପ୍ରକାଶ ସାଇକେଲରେ ଦେଶୀ ମଦ ଧରି କରସିଙ୍ଗିରୁ ନିଜ ଗ୍ରାମକୁ ଯାଉଥିବା ବେଳେ କରସିଙ୍ଗି ଠାରେ ପୋଲିସ ଗିରଫ କରିଥିଲା।

### ବିନା ହେଲମେଟ୍‌ରେ ଗାଡ଼ି ଚଳାଇଲେ ଲାଇସେନ୍ସ ରଦ୍ଦ

ମାଲକାନଗିରି ୧।୯(ଡି.ଏନ.ଏ.): ମାଲକାନଗିରି ଜିଲାର ଅମାନିଆ ଗାଡ଼ିଚାଳକଙ୍କଠାରୁ ଏଣିକି ଆଦାୟ ହେବ ଜରିମାନା। ଆଞ୍ଚଳିକ ପରିବହନ ଅଧିକାରୀ ଓ ପୋଲିସକୁ ମଙ୍ଗଳବାର ଏକ ଭିଡ଼ିଓ କନଫେରେନ୍ସ ବୈଠକରେ ନିର୍ଦ୍ଦେଶ ଆସିଛି। ଏଣିକି ଯେଉଁ ମୋଟର ସାଇକେଲ ଚାଳକମାନେ ବିନା ହେଲମେଟରେ ଗାଡ଼ି ଚଳାଉଥିବେ ସେମାନଙ୍କ ଲାଇସେନ୍ସକୁ ୩ମାସ ପାଇଁ ରଦ୍ଦ ହେବ। ଏଥିସହ ସମ୍ପୃକ୍ତ ଚାଳକ ୧ହଜାର ଟଙ୍କା ଜରିମାନା ଦେବେ। ବେପରୁଆ ଭାବେ ଦ୍ରୁତ ଗ୍ରତିରେ ଗାଡ଼ି ଚଳାଇବା, ଅଧିକ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ଓ ଗାଡ଼ି ଚଳାଇବା ବେଳେ ମାଦକ ଦ୍ରବ୍ୟ ସେବନ କରିଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏପରି କ୍ଷେତ୍ରରେ ଜରିମାନାରୁ ବର୍ତ୍ତିବା ପାଇଁ ସମସ୍ତେ ଟ୍ରାଫିକ ନିୟମ ପାଳନ କରିବାକୁ ଉପ ଜିଲାପାଳ ରାମେଶ୍ୱର ପ୍ରଧାନ ପରାମର୍ଶ ଦେଇଛନ୍ତି।

### ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ମା’

#### ଗ୍ୟାସ୍ ସିଲିଣ୍ଡର ଫାଟି ମହିଳାଙ୍କ ମୃତ୍ୟୁ ଘଟଣା

ଖଣ୍ଡପଡ଼ା,୧।୯(ସ୍ୱ.ପ୍ର.): ଖଣ୍ଡପଡ଼ା ଥାନା ଅଧୀନ ରାଣୀପଡ଼ା ପଞ୍ଚାୟତ ବିରିଡିହି ଗ୍ରାମର ସିଲୁ ଜେନାଙ୍କ ସ୍ତ୍ରୀ ହରପ୍ରିୟା(୨୧)ଙ୍କ ଗ୍ୟାସ୍ ସିଲିଣ୍ଡର ଫାଟି ମଙ୍ଗଳବାର ମୃତ୍ୟୁ ଘଟିଥିଲା। ସିଲୁ ମଧ୍ୟ ଏଥିରେ ଆହତ ହୋଇଥିଲେ। ହରପ୍ରିୟାଙ୍କ ବାପ ଘର ଲୋକେ ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିବା ପରେ ଉକ୍ତ ଘଟଣା ଭିନ୍ନ ମୋଡ ନେଇଛି। ଝିଅକୁ ଶାଶୁ ଘର ଲୋକେ ୫ଲକ୍ଷ ଟଙ୍କା ଯୌତୁକ ଦାବିରେ ପୋଡ଼ି ମାରି ଦେଇଥିବା ହରପ୍ରିୟାଙ୍କ ମାଆ ଲକ୍ଷ୍ମୀ ପାଟ୍ଟଯୋଶୀ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ହରପ୍ରିୟାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ଦେଢ଼ଶୁର ଓ ଦେଢ଼ଶାଶୁଙ୍କ ନାମରେ ମାମଲା ରୁଜୁ କରିଛି। ଏ ସଂକ୍ରାନ୍ତରେ ତଦନ୍ତ ଚାଲିଥିବା ଆଇଆଇସି ବିଶ୍ୱଜିତ୍ ରାଉତରାୟ କହିଛନ୍ତି। ବୁଧବାର ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସବୁ ସୁବିଧାରୁ ବଞ୍ଚିତ ଇର୍ପିସରୁ ଗ୍ରାମ

### ଗାଁର ମାତ୍ର ୨ ଜଣ କଲେଜ ପଢ଼ୁଆ ଛାତ୍ର

ରାକେଶ କୁମାର ରାଉତ

ଫୁଲବାଣୀ ଅଫିସ, ୧।୯

କନ୍ଧମାଳ ଜିଲାରେ ଏବେ ବି ବହୁ ଦୁର୍ଗମ ଅଞ୍ଚଳ ରହିଛି, ଯେଉଁଠି ପ୍ରଶାସନିକ ଅଧିକାରୀ କି ରାଜନେତାଙ୍କ ପାଦ ପଡିନି। ଫୁଲବାଣୀ ସହରଠାରୁ ମାତ୍ର ୨୦/୨୨ କି.ମି. ଦୂରରେ ଥିବା ଏକ ଗାଁରେ ଲୋକେ ବିଚ୍ଛିନ୍ନାଞ୍ଚଳରେ ରହିବା ପରି ଲାଗନ୍ତି। ସାଧାରଣ ମୌଳିକ ସୁବିଧା ବି ସେଠାରେ ଅପହଞ୍ଚ। ରାଜ୍ୟ ଏବଂ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବହୁ ଯୋଜନା କରିଛନ୍ତି। ହେଲେ ଏହାର ସୁଫଳ ମିଳୁନାହିଁ। ଯୋଜନାର ଅର୍ଥ ବାଟମାରଣା ହେଉଛି। ବିକାଶ ନାଁରେ କୋଟି କୋଟି ଟଙ୍କା ହଡ଼ପ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଫୁଲବାଣୀ ବ୍ଲକ ଜାମଝରି ପଞ୍ଚାୟତ ଇର୍ପିସରୁ ଗ୍ରାମ ହେଉଛି ଏହାର ଏକ ଉଦାହରଣ।

ସ୍ୱାଧୀନତାର ୭୫ବର୍ଷ ପରେ ବି ଇର୍ପିସରୁ ଗ୍ରାମ ସରକାର ଏବଂ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ଏହି ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ଆବାସ ଗୃହ ଏବଂ ମୋବାଇଲ ନେଟୱାର୍କ ଆଦି ସମସ୍ୟା ରହିଛି। ଗ୍ରାମକୁ ଯିବାକୁ ଭଲ ରାସ୍ତା ନ ଥିବାରୁ ଲୋକେ ବହୁ ହଇରାଣ ହେଉଛନ୍ତି। ଗାଁଠାରୁ ୨ କି.ମି. ଦୂରରେ ଥିବା ନାଳରେ ଲୋକେ ଗାଧୋଇବା ସହ ସେଠାରୁ ପାଣି ଆଣି ପିଇବା ଏବଂ ରୋଷେଇରେ ବ୍ୟବହାର କରନ୍ତି। କୌଣସି ଲୋକ ରୋଗରେ ପଡ଼ିଲେ, ଆମ୍ବୁଲାନ୍ସ ଆସିବା ଦୂରର କଥା ଯୋଗାଯୋଗ ବି ସମ୍ଭବ ହୁଏନାହିଁ। ଗର୍ଭବତୀଙ୍କୁ ଖଟିଆରେ ୩/୪ କି.ମି. ଦୂର ଆଣିବା ପରେ ଆମ୍ବୁଲାନ୍ସରେ ମେଡିକାଲ ପଠାଯାଏ। ଅଧିକାଂଶ ଗର୍ଭବତୀ ଏବଂ ଅନ୍ୟ ରୋଗୀ ଠିକ୍ ସମୟରେ ମେଡିକାଲ ପହଞ୍ଚି ପାରୁ ନ ଥିବାରୁ ମୃତ୍ୟୁମୁଖରେ ପଡନ୍ତି।

ଗ୍ରାମରେ ମୋଟ ୨୨ ଆଦିବାସୀ ପରିବାର ବସବାସ କରୁଛନ୍ତି। ଲୋକ ସଂଖ୍ୟା ୧୧୦ରୁ ଉର୍ଦ୍ଧ୍ୱ। ସବୁ ବାଧାବିଘ୍ନ ସତ୍ତ୍ୱେ ଦୁଇ ଜଣ ଛାତ୍ର କଲେଜ ଯାଇଛନ୍ତି। ଜଣେ ବିଏସ୍‌ଏସି ପାସ୍ କରିଥିବା ବେଳେ ଅନ୍ୟ ଜଣେ ପଢୁଛନ୍ତି। ଡିବିରି ଆଲୁଅରେ ଗଢୁଛନ୍ତି ନିଜ ଭବିଷ୍ୟତ। ସେହିପରି ଜଣେ ଛାତ୍ରୀ ଦଶମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନେକ ପିଲା ଗମନାଗମନ ଅସୁବିଧାରୁ ପାଠ ଛାଡିବାକୁ ବାଧ ହେଉଛନ୍ତି। ଗାଁ ପ୍ରାଥମିକ ବିଦ୍ୟାଳୟ ଭୂତକୋଠି ପାଲଟିଛି। କୌଣସି ଶିକ୍ଷକ ସେଠାକୁ ଯାଉ ନ ଥିବା ଗ୍ରାମର ସୁରେସନ କହଁର, ଉପେନ୍ଦ୍ର କହଁର, ପ୍ରକାଶ କହଁର, ଜନୀତା କହଁର, ଗଜେନ୍ଦ୍ର କହଁର, ଜନାର୍ଦ୍ଦନ କହଁର, ପ୍ରମୀଣ କହଁର ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ ସମସ୍ୟାର ସମାଧାନ ପାଇଁ ଲୋକେ ଯେତେ ଗୁହାରି କରୁଥିଲେ ହେଁ ପ୍ରଶାସନ କି ରାଜନେତା କେହି ଦୃଷ୍ଟି ଦେଉନାହାନ୍ତି।



ନାଳରୁ ପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ।

# ସ୍ୱୟଂଶାସିତ ମାନ୍ୟତା ନବୀକରଣ କର: ଏବିଭିପି

### ଫୁଲବାଣୀ ମହାବିଦ୍ୟାଳୟ

ଫୁଲବାଣୀ ଅଫିସ, ୧।୯

କନ୍ଧମାଳ ଜିଲାର ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସର୍ବବୃହତ ଶିକ୍ଷାନୁଷ୍ଠାନ। କନ୍ଧମାଳ ଜିଲା ସମେତ ନିକଟବର୍ତ୍ତୀ ଜିଲାର ପିଲା ଆସି ଏଠି ପଢ଼ନ୍ତି। ୨୦୧୬ ପର୍ଯ୍ୟନ୍ତ ଏହି ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ବଳବତ୍ତର ଥିଲା। ଅବଧି ଶେଷ ହେବା ପୂର୍ବରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ପୁନଃ ନବୀକରଣ ନିମନ୍ତେ ଆବେଦନ କରି ନ ଥିବାରୁ ଏହା ସ୍ୱୟଂଶାସିତ ମାନ୍ୟତା ହରାଇଛି। ଫଳରେ ଏଠାରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ସେହିପରି ସ୍ୱୟଂଶାସିତ ମାନ୍ୟତା ନ ଥିବାରୁ ମହାବିଦ୍ୟାଳୟ ବିକାଶ ପାଇଁ ଆସୁଥିବା ଅନୁଦାନ ବିନିଯୋଗ ହୋଇପାରୁନି। ବହୁ ବିଭାଗରେ ଅଧ୍ୟାପକଙ୍କ ପଦବୀ ଖାଲି ପଡିଛି। ଛାତ୍ର ନିବାସରେ ପାନୀୟ ଜଳ ସୁବିଧା ନାହିଁ। ଛାତ୍ରୀ ନିବାସରେ ସୁରକ୍ଷା କର୍ମୀ ନ ଥିବାରୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଏବିଭିପି ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏବିଭିପି ଜିଲା ପ୍ରମୁଖ ଶିବାଶିଷ ପଣ୍ଡା, ଜିଲା ସଂଯୋଜକ ଦିବ୍ୟରଞ୍ଜନ ଡାକୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଯୁବ ରେଡକ୍ରସ୍ କାର୍ଯ୍ୟକାରିଣୀ ବୈଠକ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ ଅଫିସ, ୧।୯

କନ୍ଧମାଳ ଜିଲାସ୍ତରୀୟ ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ ବୁଧବାର ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ପ୍ରମୁଖ ମହାବିଦ୍ୟାଳୟର ଅଧ୍ୟକ୍ଷ, କାଉନସେଲର, ସ୍ୱେଚ୍ଛାସେବୀମାନେ ଯୋଗଦେଇ ଜିଲାରେ ଯୁବ ରେଡକ୍ରସ ପ୍ରାୟୋଜିତ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଅଧ୍ୟକ୍ଷ ପଞ୍ଚାନନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ସୁକାନ୍ତ କୁମାର ବେହେରା, ସଂଯୋଜକ ଡ.ବିଭୂତି ଭୂଷଣ ଆଚାର୍ଯ୍ୟ ଆଲୋଚନାରେ ଅଂଶଗ୍ରହଣ କରି ଯୁବ ରେଡକ୍ରସ କାର୍ଯ୍ୟକ୍ରମକୁ ଜିଲାବ୍ୟାପୀ ଅଧିକରୁ ଅଧିକ ପ୍ରସାରିତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୂର୍ବତନ ଜିଲା ସଂଯୋଜକ ଡ.ନଳିନୀ କୁମାର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସେବାମୂଳକ କାର୍ଯ୍ୟରେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବାର୍ଷିକ ବକେୟା ରାଜ୍ୟ ଅଂଶଧନ ୨୦ ଟଙ୍କାରୁ ୬ ଟଙ୍କା ଏନ୍‌ଇଏଫ୍‌ଟି ମାଧ୍ୟମରେ ପଠାଇବା, ଜିଲାରେ କ୍ଲଷ୍ଟର ଶିବିର ଆୟୋଜନ, ବ୍ୟାପକ ଚାରାରୋପଣ ସହ ସବୁଜ ପରିବେଶ ସୃଷ୍ଟି, ରକ୍ତଦାନ ଶିବିର ଆୟୋଜନ, ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ପାଇଁ ଆବଶ୍ୟକ ତାଲିମ ପ୍ରଦାନ କରିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

# ରାଜ୍ୟ ଭାଜପା ଟିମ୍‌ର ମରୁଡ଼ି ଅଞ୍ଚଳ ପରିଦର୍ଶନ

ଜି.ଉଦୟଗିରି,୧।୯(ଡି.ଏନ.ଏ.)

ରାଜ୍ୟ ଭାଜପା ତରଫରୁ ଏକ ଟିମ୍ ବୁଧବାର କନ୍ଧମାଳ ଜିଲା ଗସ୍ତ କରି ବିଭିନ୍ନ ବ୍ଲକର ମରୁଡି ଅଞ୍ଚଳ ପରିଦର୍ଶନ କରିଛନ୍ତି। ଜି.ଉଦୟଗିରି ବ୍ଲକର ସୁଜେଲି ଏବଂ କନବାଗିରିରେ ଚାଷ ଜମି କିଭଳି ଶୁଖିଲା ପଡିଛି ଦେଖିବା ସହିତ ଜଳସେଚନ ବ୍ୟବସ୍ଥା କିଭଳି ଅଚଳ ହୋଇ ରହିଛି ଦେଖିଥିଲେ। ଋଣ କରିଥିବା ଧାନ ଚାଷୀ ଏବେ କିଭଳି ଋଣ ପରିଶୋଧ କରିବେ କଷ୍ଟକର ହୋଇପଡ଼ିବ ବୋଲି ଚାଷୀମାନେ କହିଥିଲେ। ପରିବାର ପ୍ରତିପୋଷଣ କରିବା ନେଇ ଚାଷୀମାନେ ଚିନ୍ତିତ ବୋଲି କହିଥିଲେ। ସରକାରୀ ଅଧିକାରୀମାନେ ଚାଷୀଙ୍କ ପାଖରେ ଠିଆ ହୋଇ ନାହାନ୍ତି। ତେଣୁ ଏହି ସବୁ ଅଞ୍ଚଳଗୁଡିକୁ ମରୁଡ଼ି ଘୋଷଣା କରିବା ସହିତ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। ରାଜ୍ୟ ଭାଜପା ଟିମ୍‌ରେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ୍, କନ୍ଧମାଳ ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ପୂର୍ବତନ ରାଜ୍ୟ ଖଦିବୋର୍ଡ ସଭାପତି ରାମରଞ୍ଜନ ବଳିଆରସିଂଙ୍କ ସହିତ ସ୍ଥାନୀୟ ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଉପ ସଭାପତି ବିବେକାନନ୍ଦ ପ୍ରଧାନ, ବରିଷ୍ଠ ଭାଜପା ନେତା ରୀମବିସି ଦିଗାଲ, ବସନ୍ତ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଜି.ଉଦୟଗିରି ନଗର ସଭାପତି ଉଦେସନ ପ୍ରଧାନଙ୍କ ସହିତ ମାୟା ବନ୍ଧୁ ପ୍ରଧାନ, ନବ କିଶୋର ପ୍ରଧାନ, ଭୀମସେନ ପ୍ରଧାନ, ପ୍ରଶାନ୍ତ ବଗର୍ତ୍ତି ପ୍ରମୁଖ ସାମିଲ ଥିଲେ।



ମରୁଡି ଅଞ୍ଚଳ ପରିଦର୍ଶନ କରୁଛନ୍ତି ଭାଜପା ଟିମ୍।

### ପଥର ଖଣିରେ ଚଢ଼ାଉ, ପ୍ରୋକଲିନ ଜବତ

ନୟାଗଡ଼ ଅଫିସ,୧।୯

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜ ଗୋଡିପଲ୍ଲୀ ପଞ୍ଚାୟତ ଖଳିପାଟଣାର ଥଳି ମୁଣ୍ଡିଆରେ ବେଆଇନ ଭାବେ ବିସ୍ଫୋରଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ଖବର ପାଇ ବନବିଭାଗ ପକ୍ଷରୁ ଶରଣକୁଳ ପୋଲିସ ସହାୟତାରେ ବୁଧବାର ସେଠାରେ ଚଢ଼ାଉ କରାଯାଇଥିଲା । ଚଢ଼ାଉକୁ ଦେଖି ଖଣିଚୋର ବିଭିନ୍ନ ଉପକରଣ ନେଇ ଫେରାର ହୋଇ ଯାଇଥିଲେ ।

ତେବେ ପଥର ଭଙ୍ଗା କାର୍ଯ୍ୟରେ ଲାଗିଥିବା ପ୍ରୋକଲିନି ମେଶିନ୍‌କୁ ନେଇ ନ ପାରି ଛାଡି ଚାଲି ଯାଇଥିଲେ । ବନବିଭାଗ ପକ୍ଷରୁ ଉକ୍ତ ପ୍ରୋକଲିନି ମେଶିନ୍‌କୁ ଜବତ କରାଯାଇଛି । ଜବତ ମେଶିନଟି ପ୍ରଭାତ କରଙ୍କ ବୋଲି ଜଣାପଡିଥିବା ଡିଏଫ୍ଓ ଏର୍‌ଡ଼ି ଧନରାଜ ସୂଚନା ଦେଇଛନ୍ତି ।

# ଜାତୀୟ ପୋଷଣ ସପ୍ତାହ



ମଞ୍ଚାସୀନ ଅତିଥିମାନେ।

ପାରଳାଖେମୁଣ୍ଡି,୧।୯(ଡି.ଏନ୍.ଏ.)

ସପ୍ତାହେ ବ୍ୟାପୀ ଜିଲା ସ୍ତରରେ ଜାତୀୟ ପୋଷଣ ସପ୍ତାହ ପାଳନ ଆରମ୍ଭ ହୋଇଯାଇଛି। ବୁଧବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପୋଷଣ ଦିବସର ତାତ୍ପର୍ଯ୍ୟ ଉପରେ କହିବା ସହ ୩ ରଥର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ କୈଳାଶ ଚନ୍ଦ୍ରସାମନ୍ତରାୟ, କେଭିକେ ସଂଯୋଜକ ସଂଗ୍ରାମ ପରମଗୁରୁ, ଅତିରିକ୍ତ କୃଷି ଅଧିକାରୀ ଇରାନ୍ୟାସ ପ୍ରଧାନ, ରା.ଉଦୟଗିରି କୃଷି ଅଧିକାରୀ ଏମ. ଶ୍ରୀନିବାସ, ଶୁଭଶ୍ରୀ ପ୍ରିୟଦର୍ଶିନୀ ଏବଂ ମିଲଟ ମିଶନର ସ୍ୱରୂପା ନନ୍ଦ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମିଲଟ ମିଶନ, ମିଶନ ଶକ୍ତି ଏବଂ କୃଷି ବିଭାଗ ଦ୍ୱାରା ପରିଚାଳନା କରାଯାଉଛି। ଏହି କାର୍ଯ୍ୟକ୍ରମରେ ମାଣ୍ଡିଆ ଜାତୀୟ ଖାଦ୍ୟର ବ୍ୟବହାର ଉପରେ ସଚେତନ କରାଯାଇଥିଲା।

### ଜିଲା ଗାଁ ସାଥୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋରାପୁଟ,୧।୯(ସ୍ୱ.ପ୍ର)

କୋରାପୁଟ ଜିଲା ଗାଁ ସାଥୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ୧୩ ବର୍ଷ ହେଲା ଗାଁ ସାଥୀମାନେ ସ୍ଥାୟୀ ନିଯୁକ୍ତି ପାଇଁ ଅପେକ୍ଷା କରିଥିଲେ ସୁଦ୍ଧା ସରକାର ସେମାନଙ୍କୁ ଅଣଦେଖା କରୁଥିବା ଜିଲା ସଂଯୋଜକ ଶରତ ଗୁଣ୍ଠା ଅଭିଯୋଗ କରିଛନ୍ତି। ସଂଘ ହାଇକୋର୍ଟର ଆଶ୍ରୟ ନେଇଥିଲା। ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଗାଁ ସାଥୀମାନଙ୍କୁ ସ୍ଥାୟୀ ଚାକିରି ଓ ପ୍ରଶିକ୍ଷଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ସରକାରଙ୍କ ସେମାନଙ୍କୁ ଅଣଦେଖା କରି ଚାଲିଛନ୍ତି। ସରକାର ଯଦି ଗାଁ ସାଥୀସଂଘର ଦାବିକୁ ପୂରଣ ନ କରନ୍ତି ତେବେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ସେମାନେ ଉଚିତ ଜବାବ ଦେବେ ବୋଲି ଗୁଣ୍ଠା କହିଛନ୍ତି।

# ଜନସାଧାରଣ ସେବା ପାଇବାରୁ ବଞ୍ଚିତ

### ୩ ଜନସେବା କେନ୍ଦ୍ରରେ ମନମୁଖୀ କାର୍ଯ୍ୟ

ଖଜୁରିପଡ଼ା/ ବଲସକୁମ୍ପା, ୧।୯ (ଡି.ଏନ.ଏ.)

ଜନସାଧାରଣଙ୍କ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ପଞ୍ଚାୟତରେ ମିନି ବ୍ୟାଙ୍କ୍ ଏବଂ ଜନସେବା କେନ୍ଦ୍ର ମାନ ଖୋଲିଛନ୍ତି। ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମରେ ଥିବା ତିନୋଟି ମିନି ବ୍ୟାଙ୍କ୍ ହେଲା। ଦୁଇଟି ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଏବଂ ଗୋଟିଏ ଭାରତୀୟ ଷ୍ଟେଟବ୍ୟାଙ୍କ ଜନସେବା କେନ୍ଦ୍ର ଜନସାଧାରଣଙ୍କୁ ସେବା ଯୋଗାଇବାରେ ସକ୍ଷମ ନାହିଁ। ଜନସେବା କେନ୍ଦ୍ର ଗୁଡ଼ିକର ମନମୁଖୀ କାର୍ଯ୍ୟ ଯୋଗୁ ଗ୍ରାମାଞ୍ଚଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଟଙ୍କା ଉଠାଇବାକୁ ଏବଂ ଟଙ୍କା ଜମା କରିବାକୁ ଆସି ଲୋକେ ହଟହଟା ହେଉଛନ୍ତି। କୋଭିଡ ନିୟମ ଅବମାନନା କରି ଲୋକ ଭିଡ କରୁଛନ୍ତି। କେତେବେଳେ ଟଙ୍କା ଉଠାଇବା ପାଇଁ ତ ଆଉ କେତେବେଳେ ଟଙ୍କା ଜମା କରିବା ପାଇଁ। କିନ୍ତୁ ମିନି ବ୍ୟାଙ୍କ୍ ଚଳାଉଥିବା ବ୍ୟକ୍ତିମାନେ ବିଭିନ୍ନ ଆଳ ଦେଖାଇ ଜନସାଧାରଣଙ୍କୁ ହନ୍ତସନ୍ତ କରୁଛନ୍ତି। ଯାହାଦ୍ୱାରା ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହେବା ସହିତ ଅଞ୍ଚଳବାସୀ ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଣୁ ବିଭାଗୀୟ ବ୍ୟାଙ୍କ୍ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ଘରକୁ ଫେରିଲା ହଜିଲା ନାବାଳକ

### ସହଯୋଗ କଲା ଜିଲା ଆଇନ ସେବା ପ୍ରାଧିକରଣ

ନବରଙ୍ଗପୁର, ୧।୯(ବି.ପ୍ର.)

ବାଟବଣା ହୋଇ ନବରଙ୍ଗପୁର ସହରକୁ ଚାଲି ଆସିଥିବା ଏକ ନାବାଳକଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ତାଙ୍କ ଘରକୁ ପଠାଯାଇଛି। ପିଲାଟିର ମା’ ବାପା ଆନ୍ଧ୍ରରେ କାମ କରୁଥିବା ବେଳେ ସେ ତାଙ୍କ ଜେଜେମା’ ଜେଜେ ବାପାଙ୍କ ପାଖରେ ରହୁଛନ୍ତି। ପାପଡ଼ାହାଣ୍ଡି ବ୍ଲକ ଉସୀଗାଁର କରଣ ହରିଜନ ବାଟବଣା ହୋଇ ନବରଙ୍ଗପୁର ଚାଲି ଆସିଥିଲେ। ସେଠାରେ ବୁଲିବା ବେଳେ ଜିଲା ଆଇନ ସେବା ପ୍ରାଧିକରଣ କିରାଣି ଅରୁଣ ସାହୁ ତାଙ୍କୁ ଦେଖିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ନାୟକ ଘଟଣା ସମ୍ପର୍କରେ ଜାଣି ଜିଲା ଜଜ୍ ଅଶୋକ କୁମାର ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଜଜ୍ ଅଶୋକ କୁମାର ପଣ୍ଡା ପିଲାଟିକୁ ତାଙ୍କ ଘରକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଚାଇଲ୍ଡଲାଇନ ଓ ପୋଲିସ ବୁଧବାର ସକାଳୁ କରଣଙ୍କୁ ତାଙ୍କ ଘରେ ନେଇ ଛାଡିଥିଲେ।

# ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ରଘୁନାଥଙ୍କୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୧।୯(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଗର୍ବ ଓଡିଶୀ କଣ୍ଠଶିଳ୍ପୀ, ତବଲା ବାଦକ, ସଙ୍ଗୀତ ନିର୍ଦ୍ଦେଶକ ଶିରୋମଣି ଗୁରୁ ରଘୁନାଥ ପାତ୍ରଙ୍କୁ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶୀ କଣ୍ଠଶିଳ୍ପୀ ଭାବେ ଗତ ୩୦ରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ସାହିତ୍ୟ ନାଟକ ଏକାଡେମୀ -୨୦୨୦ ପାଇଁ ପୁରସ୍କୃତ ହେବା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ସମ୍ମାନୀତ କରାଯାଇଥିଲା। ଗୁରୁ ରଘୁନାଥ ପାରଳା ସହର ସମେତ ସମଗ୍ର ଜିଲା ତଥା ଦକ୍ଷିଣ ଓଡିଶାର ମାନ ଓ ଗୌରବ ବୃଦ୍ଧି କରିଥିବାରୁ ଗଜପତି ଜିଲା ବିଜେଡି ତରଫରୁ ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଜିଲା ସଭାପତି ପ୍ରଦୀପ କୁମାର ନାୟକ, ଉପସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗ, ନଗର ବିଜେଡି ସଭାପତି ସୂର୍ଯ୍ୟ ନାରାୟଣ ରାଜଗୁରୁ, ପୂର୍ବତନ କାଉନସିଲର ପ୍ରଶାନ୍ତ କୁମାର ପାତ୍ର, ସୋସିଆଲ ମିଡିଆ ସେଲର ସୁରେଶ କୁମାର ମାଝୀ, ବିଜେଡି ନେତା ଜଗନ୍ନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।



ରଘୁନାଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାଲ୍ୟବିବାହ ରୋକିବାକୁ କର୍ମଶାଳା

ଫୁଲବାଣୀ ଅଫିସ, ୧।୯

ଚାଇଲ୍ଡ ଲାଇନ୍ ପକ୍ଷରୁ ବାଲ୍ୟ ବିବାହ ରୋକିବାକୁ ଏକ ଦିବସୀୟ ତାଲିମ କର୍ମଶାଳା ଫୁଲବାଣୀସ୍ଥିତ ଗୋପବନ୍ଧୁ ବାଳାଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଚାଇଲ୍ଡ ଲାଇନର କେନ୍ଦ୍ର ସଂଯୋଜିକା ରଞ୍ଜିତା କମ୍ପ ବାଲ୍ୟବିବାହର କାରଣ, ନିରାକରଣ, ଏହାର ଆଇନଗତ ଦିଗ, ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ଦାୟିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରି କମ୍ପ୍ୟୁଟର ଜରିଆରେ ଉପସ୍ଥାପନ କରିଥିଲେ। ମହିଳା ସୁରକ୍ଷା ଅଧିକାରୀ ଏସ୍.ଗାୟତ୍ରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମୀତା କରଣ, ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ପ୍ରଧାନ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ କୁମାର ବେହେରା ଯୋଗଦେଇ ବାଲ୍ୟବିବାହ ବନ୍ଦ କରାଯାଇଥିବା ନାବାଳିକାଙ୍କ ଥଇଥାନ, ସେମାନଙ୍କ ପରିବାର ଉପରେ ପୁନଃ ନିରୀକ୍ଷଣ, ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ରଣନୀତି ଏବଂ ପ୍ରତ୍ୟେକ ବ୍ଲକକୁ ବାଲ୍ୟ ବିବାହମୁକ୍ତ ଘୋଷଣା ଉପରେ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଶିବଶଙ୍କର ବେହେରା ସ୍ୱାଗତ ଭାଷଣ, ଦିଲୀପ କୁମାର ଦାସ ଶିବିରର ଲକ୍ଷ୍ୟ ଉପରେ ଆଲେଚନା କରିଥିବା ବେଳେ ସସ୍ମିତା କରଣ ଧନ୍ୟବାଦ ଦେଇଥିଲେ।



ଶିବିରରେ ଉପସ୍ଥିତ ଅତିଥି।

